ପ୍ରାଚୀରପତ୍ର

# ସ୍ୱୀକୃତି

୧ମ ସଂଖ୍ୟା, ଜାନୁୟାରୀ ୦୮

## ଖବରକାଗଜ ପୃଷ୍ଠାରୁ

### ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ କାର୍ଯ୍ୟ ଧିମା

ଭୁବନେଶ୍ୱର, ତା ୧୧।୧ (ନି.ପ୍ର) – ଜନଜାତିଙ୍କୁ ସରକାର ଜଙ୍ଗଲ ଅଧିକାର ସୁଯୋଗ ଦେବାରେ ବୈମାତୃକ ମନୋଭାବ ପୋଷଣ କରୁଥିବା ଅଭିଯୋଗ ହୋଇଛି । ଜଙ୍ଗଲ ସତ୍ତ୍ୱାଧିକାର ଆଇନ ବଳରେ ଭୂମିହୀନ ଆଦିବାସୀଙ୍କୁ ଜଙ୍ଗଲ ଜମି ଉପରେ ସେମାନଙ୍କର ଅଧିକାର ସାବ୍ୟସ୍ତ କରିବାର ସୁଯୋଗ ଦେଇଥିଲେ ମଧ ଏହି ସୁଯୋଗ ଅପେକ୍ଷାରେ ଥିବା ରାଜ୍ୟର ୧୫ଲକ୍ଷ ପରିବାରଙ୍କ ମଧରୁ ମାତ୍ର ୧ଲକ୍ଷ ୨୦ ହଜାରଙ୍କୁ ଏହି ଅଧିକାର ମିଳିପାରିଛି । ଅପରପକ୍ଷରେ ଆଉ ୪୦ ହଜାର ପରିବାର ଜଙ୍ଗଲ ଜମି ଉପରେ ଅଧିକାର ସାବ୍ୟସ୍ତ କରିବା ଅପେକ୍ଷାରେ ରହିଥିବା ରାଜସ୍ୱ ବିଭାଗ ପକ୍ଷରୁ ଜଣାପଡିଛି । ଏହି ଆଇନ ବଳରେ ଜନଜାତିଙ୍କୁ ଜଙ୍ଗଲ ଜମିରେ ଚାଷବାସ ସହ ଜଙ୍ଗଲ ସମ୍ପଦ ଉପରେ ନିର୍ଭରଶୀଳତାକୁ ଆଇନଗତ କରିବା ନେଇ ବ୍ୟବସ୍ଥା ରହିଥିଲେ ମଧ ବାସ୍ତବିକ କ୍ଷେତ୍ରରେ ସେମାନଙ୍କୁ ତାହା ମିଳୁନଥିବା ଜଣାଯାଇଛି ।

ନିକଟରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ରାଜ୍ୟର ଜନଜାତି ତଥା ଜଙ୍ଗଲ ଉପରେ ନିର୍ଭରଶୀଳ ଅନ୍ୟ ଜାତିଙ୍କ କ୍ଷେତ୍ରରେ ଏହି ଆଇନର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷାବେଳେ ଜନଜାତିଙ୍କୁ ଜମି ପଟ୍ଟା ଯୋଗାଇ ଦିଆଯିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ଏହି ଆଇନର କାର୍ଯ୍ୟକାରିତା ପାଇଁ କେନ୍ଦ୍ର ସରକାର ୨୨ କୋଟି ୬୦ ଲକ୍ଷ ଟଙ୍କା ଯୋଗାଇ ଦେଇଥିବାବେଳେ ସଫଳତା ପାଇଁ ରାଜ୍ୟର ବନାଞ୍ଚଳରେ ସ୍ଥାନୀୟ ଅଧିବାସୀଙ୍କ ମାତୃଭାଷାରେ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରିବାକୁ ରାଜ୍ୟ ସରକାରଙ୍କ ଆଦିବାସୀ କଲ୍ୟାଣ ଓ ରାଜସ୍ୱ ବିଭାଗକୁ କେନ୍ଦ୍ର ସରକାର ପରାମର୍ଶ ଦେଇଛନ୍ତି । ଭିତ୍ତିଭୂମି ପ୍ରସ୍ତୁତି ଓ ଆଇନର ସଫଳ କାର୍ଯ୍ୟକାରିତା ପାଇଁ ରାଜ୍ୟକୁ ଅଧିକ ସହାୟତା ଯୋଗାଇ ଦିଆଯିବାର ଆଶା ରହିଥବାବେଳେ ରାଜ୍ୟ ସରକାର ଆଦିବାସୀ ତଥା ଜନଜାତିଙ୍କୁ ଜଙ୍ଗଲ ଜମି ଉପରେ ସେମାନଙ୍କ ଅଧିକାର ସାବ୍ୟସ୍ତ ପାଇଁ ତ୍ୱରିତ ପଦକ୍ଷେପ ଗ୍ରହଣ କରାଯିବା ଆବଶ୍ୟକ ବୋଲି ମତପ୍ରକାଶ ପାଇଛି । ୨୦୦୬ ମସିହାରୁ ଏହି ଆଇନ କାର୍ଯ୍ୟକାରୀ ହୋଇଥିଲେ ମଧ ଦୁଇ ବର୍ଷ ମଧରେ ବିଶେଷ କିଛି ସଫଳତା ମିଳିନଥିବା ଏବଂ ଜମି ବଣ୍ଟନରେ ନାନା ବିଭ୍ରାଟ ସୃଷ୍ଟି ହେଉଥିବା ଜଣାପଡ଼ିଛି । ଆଦିବାସୀ ଓ ଅଣଆଦିବାସୀଙ୍କୁ ସେମାନଙ୍କର ନାମମାତ୍ର ପୈତୃକ ଜମି ଉପରେ ଅଧିକାର ସାବ୍ୟସ୍ତ ସହ ଭୂମିହୀନଙ୍କୁ ଜମି ଯୋଗାଇ ଦିଆଯିବାର ବ୍ୟବସ୍ଥା ଥିବାବେଳେ ଓଡ଼ିଶା ଭୂସଂସ୍କାର ଆଇନର ଅନେକ କ୍ଷେତ୍ରରେ ଅପବ୍ୟବହାର ତଥା ଜାଲିଆତି କରାଯାଉଥିବା ଅଭିଯୋଗ ହେଉଛି । 'ସିଙ୍ଗଲ ୱିଣ୍ଡୋ' ବ୍ୟବସ୍ଥା ବଳରେ ଭୂମିହୀନଙ୍କୁ ଜମି ହସ୍ତାନ୍ତର ଓ ଜନଜାତିଙ୍କୁ ଜଙ୍ଗଲ ଜମି ଉପରେ ଅଧିକାର ସାବ୍ୟସ୍ତ ଦେବାର ବ୍ୟବସ୍ଥା କରାଯାଇଥିଲେ ସୁଦ୍ଧା ଏ କ୍ଷେତ୍ରରେ ବିଶେଷ ସଫଳତା ମିଳିନଥିବା ଜଣାପଡିଛି । ଜମି ପଟ୍ଟା ବଣ୍ଟନରେ ବ୍ୟାପକ ଜାଲିଆତି ହେଉଥିବାର ସଂଖ୍ୟାଧିକ ଅଭିଯୋଗ ମିଳୁଛି ।

ମିଳିଥିବା ଅଭିଯୋଗ ଅନୁଯାୟୀ ଆଦିବାସୀଙ୍କୁ ସେମାନଙ୍କ ଜଙ୍ଗଲ ବିଭାଗ ପକ୍ଷରୁ ଆରଏଲଇଟିପି ତଥା ଜେବିଆଇସି ଆଇନ ବଳରେ ବନୀକରଣ ଆଳରେ ନିଜସ୍ୱ ଜମିରୁ ଉଚ୍ଛେଦ କରାଯାଉଛି ଓ ସେମାନଙ୍କୁ ବନ୍ୟ ସମ୍ପଦକୁ ନେଇ ଚଳିବାରେ ନାନା ଭାବେ ହଇରାଣ ହରକତ କରାଯାଉଛି ବୋଲି ଆଦିବାସୀମାନେ ଅଭିଯୋଗ କରୁଛନ୍ତି । ସରକାର ଜଙ୍ଗଲ ଜମି ଉପରେ ଅଧିକାର ପ୍ରଦାନ ନେଇ କେବଳ ଲୋକଙ୍କ ବ୍ୟକ୍ତିଗତ ଅଧିକାର ପ୍ରତି ଧାନ ଦେଉଥିବାବେଳେ ସମୂହ ପ୍ରତି ଆଦୌ ଗୁରୁତ୍ୱ ଦେଉନଥିବା ଅଭିଯୋଗ ହେଉଛି । ଏ କ୍ଷେତ୍ରରେ ଅମିନ ଓ ରାଜସ୍ୱ ନିରୀକ୍ଷକମାନେ ଗୋଳମାଳିଆ ପରିସ୍ଥିତି ସୃଷ୍ଟି କରୁଥିବାବେଳେ ଲୋକପ୍ରତିନିଧିମାନେ ମଧ ଉପଯୁକ୍ତ ଭୂମିକା ନିର୍ବାହ କରୁନାହାନ୍ତି । ଆଦିବାସୀଙ୍କ ମଧରେ ସଚେତନତାର ଅଭାବ ଯୋଗୁଁ ଆଇନର ସଠିକ କାର୍ଯ୍ୟକାରିତା ଧିମେଇ ଯାଉଥିବା ଓ ସେମାନେ ପୂର୍ବଭଳି ଶୋଷଣର ଶିକାର ହେଉଥିବା ଲକ୍ଷ୍ୟ କରାଯାଉଛି ।

**ଉତ୍ସ: ସମାଜ: ୧୨.୧.୨୦୦୯, ପୃଷ୍ଠା-୯**

## ଜଙ୍ଗଲ ଅଧିକାର ଆଇନ୍ କାର୍ଯ୍ୟକାରୀ ସଂପର୍କରେ କିଛି ତଥ୍ୟ

### ଜଙ୍ଗଲ ଅଧିକାର ଆଇନ୍ ଓ ଓଡ଼ିଶା
(୩୧ ଡ଼ିସେମ୍ବର ୨୦୦୮ ସୁଦ୍ଧା)

ମୋଟ ଗ୍ରାମ ସଂଖ୍ୟା : ୪୬୫୧୫

ଜଙ୍ଗଲ ଅଧିକାର କମିଟି ଗଠନ ହୋଇଥିବା ଗ୍ରାମ ସଂଖ୍ୟା : ୪୫୬୮୪

କାହା ପାଖରେ କେତେ ଦାବୀପତ୍ର ରହିଛି :

- ଜଙ୍ଗଲ ଅଧିକାର କମିଟି : ୨୨୬୦୮୦
- ଉପ-ଖଣ୍ଡସ୍ତରୀୟ କମିଟି : ୧୩୭୩୬୨
- ଜିଲ୍ଲାସ୍ତରୀୟ କମିଟି : ୫୭୯୩
- ଜିଲ୍ଲାସ୍ତରୀୟ କମିଟି ଦ୍ୱାରା ସ୍ୱୀକୃତି ପ୍ରାପ୍ତ ଦାବୀପତ୍ର : ୩୯୯

**ଉତ୍ସ: ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର**

### କେଉଁ ରାଜ୍ୟରେ କେତେ ସଂଖ୍ୟକ ଦାବୀଦାର୍‌ମାନଙ୍କୁ ଜଙ୍ଗଲ ଜମି ଉପରେ ସତ୍ୱ ପ୍ରଦାନ କରାଯାଇଛି ?
(୩୧ ଡିସେମ୍ବର ୨୦୦୮ ସୁଦ୍ଧା)

- ☛ ଆନ୍ଧ୍ର ପ୍ରଦେଶ: ୩୩୦
- ☛ ଛତିଶ୍‌ଗଡ଼: ୮୫୫୪୯
- ☛ ମଧ୍ୟପ୍ରଦେଶ: ୮୦୫୯
- ☛ ରାଜସ୍ଥାନ: ୩୨୧
- ☛ ପଶ୍ଚିମବଙ୍ଗ: ୫

**ଉତ୍ସ: ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ, ଭାରତ ସରକାର**

### ଜଙ୍ଗଲ ଅଧିକାର ଆଇନ୍‌କୁ କାର୍ଯ୍ୟକାରୀ କରିବା ନିମନ୍ତେ ରାଜ୍ୟସରକାରଙ୍କ ଦ୍ୱାରା ଜାରି କରାଯାଇଥିବା ପ୍ରମୁଖ ନିର୍ଦ୍ଦେଶନାମାର ବିଷୟବସ୍ତୁ

ଜାନୁୟାରୀ ମାସ ୧ତାରିଖ ଦିନ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଓ ନିୟମ ୨୦୦୭ ସାରା ଦେଶରେ ଲାଗୁ ହେବା ପରେ ଉକ୍ତ ଆଇନ୍‌ରେ ଥିବା ବ୍ୟବସ୍ଥାଗୁଡ଼ିକ ଅନୁସାରେ କାର୍ଯ୍ୟ ତୁରନ୍ତ ଲାଗୁ କରିବା ନିମନ୍ତେ ଭାରତ ସରକାରଙ୍କ ପଞ୍ଚାୟତି ରାଜ ଓ ଆଦିବାସୀ ବ୍ୟାପାର ମନ୍ତ୍ରଣାଳୟ ଦ୍ୱାରା ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ନିର୍ଦ୍ଦେଶନାମା ଜାରି କରାଯାଇଥିଲା । ତଦ୍‌ନୁଯାୟୀ ଓଡ଼ିଶା ସରକାର ଉକ୍ତ ଆଇନ୍‌ରେ ଥିବା ବିଭିନ୍ନ ବ୍ୟବସ୍ଥାକୁ ସଠିକ୍ ରୂପେ କାର୍ଯ୍ୟକାରୀ କରିବା ପାଇଁ ବିଭିନ୍ନ ସମୟରେ ନିର୍ଦ୍ଦେଶନାମା ମାନ ଜାରି କରିଛନ୍ତି । ଉକ୍ତ ନିର୍ଦ୍ଦେଶନାମାଗୁଡ଼ିକ କେବେ କେଉଁ ବିଭାଗ ଜାରି କରିଥିଲା ଓ ଉକ୍ତ ନିର୍ଦ୍ଦେଶନାମାରେ କ'ଣ ଉଲ୍ଲେଖିତ ଥିଲା, ତାହାର ଏକ ସମ୍ୟକ ବିବରଣୀ ନିମ୍ନରେ ସମୟାନୁକ୍ରମେ ଆପଣମାନଙ୍କ ଗୋଚରାର୍ଥେ ଉପସ୍ଥାପନ କରାଯାଇଅଛି :

**ତାରିଖ: ୧.୨.୨୦୦୮ ଜାରି କରିଥିବା ବିଭାଗ: ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା: ୪୬୯୪**

- ☛ ରାଜ୍ୟସ୍ତରୀୟ ଜଙ୍ଗଲ ଅଧିକାର କମିଟି ଗଠନ,
- ☛ ଜିଲ୍ଲା ଓ ଉପଖଣ୍ଡସ୍ତରରେ ଜଙ୍ଗଲ ଅଧିକାର କମିଟି ଗଠନ କରିବା ପାଇଁ ନିର୍ଦ୍ଦେଶ

## ସଂକ୍ଷେପରେ ଅନ୍ୟାନ୍ୟ ରାଜ୍ୟ ସମ୍ବନ୍ଧୀୟ ଖବର:

- ‘ଜୀ ସମ୍ବାଦ’ ଅନୁସାରେ ତ୍ରିପୁରା ରାଜ୍ୟରେ ଅଦ୍ୟାବଧି ପର୍ଯ୍ୟନ୍ତ ୧ ଲକ୍ଷ ୨୬ ହଜାର ଦାବୀପତ୍ର ଦାଖଲ ହୋଇଛି । ସ୍ଥାନୀୟସ୍ତରରେ ତାହାର ତଦନ୍ତ ପରେ ଜଣାଗଲା ଯେ, ତନ୍‌ମଧ୍ୟରୁ କେବଳ ୨୨ ହଜାର ଦାବୀପତ୍ର ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅନୁସାରେ ଯୋଗ୍ୟ ଅଟନ୍ତି । ରାଜ୍ୟ ସରକାର ଏପର୍ଯ୍ୟନ୍ତ ୧୧ ହଜାର ୫୦୦ ଲୋକମାନଙ୍କୁ ଦାବୀ ସତ୍ୱ ଜଙ୍ଗଲ ଅଧିକାର ଆଇନ୍ ୨୦୦୬ ଅର୍ନ୍ତଗତରେ ପ୍ରଦାନ କରିଛନ୍ତି । (ଉତ୍ସ – “ଜୀ ସମ୍ବାଦ”, ୧୮.୧.୨୦୦୮)

- ‘ଟାଇମ୍ସ ଅଫ୍ ଇଣ୍ଡିଆ’ ସମ୍ବାଦପତ୍ରରେ ପ୍ରକାଶିତ ଏକ ଖବର ଅନୁସାରେ ପଶ୍ଚିମବଙ୍ଗ ସରକାର ଇତି ମଧ୍ୟରେ ୧୧୫୮ ଜଣ ଜଙ୍ଗଲବାସୀଙ୍କୁ ପ୍ରାୟ ୨୮୦ ଏକର ପରିମିତ ଜଙ୍ଗଲ ଜମି ଉପରେ ସତ୍ୱ ପ୍ରଦାନ କରିଛନ୍ତି । ପଶ୍ଚିମାଞ୍ଚଳ ଉନ୍ନୟନ ବ୍ୟାପାର ମନ୍ତ୍ରୀ ଓୁଶାନ୍ତ ଘୋଷଙ୍କ କହିବା ଅନୁସାରେ ସେମାନେ ଅତିଶୀଘ୍ର ଆଉ ୮୦୦ ପରିବାରଙ୍କୁ ଉକ୍ତ ସତ୍ୱ ପ୍ରଦାନ କରିବାକୁ ଯାଉଛନ୍ତି । (ଉତ୍ସ: ଟାଇମ୍ସ ଅଫ୍ ଇଣ୍ଡିଆ, ୧୯.୧.୨୦୦୮)

**ଜଙ୍ଗଲ ଅଧିକାର ଆଇନ୍ ସମ୍ବନ୍ଧରେ ଯଦି ଆପଣ କିଛି ଅଧିକ ଜାଣିବାକୁ ଚାହୁଁଛନ୍ତି ଅବା ଆପଣଙ୍କ ମନରେ କୌଣସି ପ୍ରଶ୍ନ ଅଛି ଅବା ଆପଣ ଭାବୁଛନ୍ତି ଆପଣଙ୍କ ଅଞ୍ଚଳରେ ଯେଉଁ ପ୍ରକ୍ରିୟା ଦେଇ ଆଇନ୍‌ର ବିଭିନ୍ନ ବ୍ୟବସ୍ଥାକୁ କାର୍ଯ୍ୟକାରୀ ହେଉଛି, ତାହାର ପ୍ରଣାଳୀ ସଠିକ୍ ନୁହଁ, ତେବେ ଆପଣ ଆମକୁ ନିମ୍ନଲିଖିତ ଫୋନ୍‌ରେ ଯୋଗାଯୋଗ କରିପାରନ୍ତି:**

# ୧୮୦୦ ୩୪୫୬ ୭୭୧

[ଏହା ଦେୟ ମୁକ୍ତ ଫୋନ୍ ଅଟେ । ଆପଣ ସକାଳ ୯ ଘଟିକାରୁ ସଂନ୍ଧ୍ୟା ୬ ଘଟିକା ମଧ୍ୟରେ ଉକ୍ତ ନମ୍ବରରେ ଆମ ସହ ଯୋଗାଯୋଗ କରିପାରନ୍ତି । ରବିବାର ଓ ଗୁରୁତ୍ୱପୂର୍ଣ୍ଣ ଛୁଟି ଦିବସ ବ୍ୟତିତ ଅନ୍ୟ ଦିନରେ ଆପଣ ଯୋଯୋଗ କରିପାରନ୍ତି)

## ‘ଜାଣିବା ଓ ଜଣାଇବା’ ପ୍ରକ୍ରିୟାରେ ଆମ ସହ ସାମିଲ୍ ହୁଅନ୍ତୁ, ଓ ‘ଜଙ୍ଗଲ ଅଧିକାର ଆଇନ’କୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା କ୍ଷେତ୍ରରେ ସହଯୋଗ କରନ୍ତୁ

ଆମର ଯୋଗାଯୋଗ ଠିକଣା:

**VASUNDHARA**
**Plot No,- A/70, Sahid Nagar, Bhubaneswar, Odisha**
Phone No.- (0674 2542011, 2542012, 2542028), www.fra.org.in,
www.vasundharaorissa.org,

**ତାରିଖ: ୧୫.୨.୨୦୦୮ ଜାରି କରିଥିବା ବିଭାଗ: ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା: ୬୧୮୨**

- ଜଙ୍ଗଲ ଅଧିକାର ଆଇନ୍‌କୁ ଲାଗୁ କରିବା ନିମନ୍ତେ ନିର୍ଦ୍ଦେଶନାମା
- ପ୍ରତ୍ୟେକ ପଞ୍ଚାୟତ ଓ ପଲ୍ଲୀସଭାକୁ ଆବଶ୍ୟକୀୟ ସଂଖ୍ୟକ ଆଇନ୍ ଓ ନିୟମ ପୁସ୍ତିକା ଯୋଗାଇ ଦେବାପାଇଁ ଜିଲ୍ଲାପାଳଙ୍କୁ ଦାୟିତ୍ୱ

**ତାରିଖ: ୨୧.୨.୨୦୦୮ ଜାରି କରିଥିବା ବିଭାଗ: ପଞ୍ଚାୟତି ରାଜ ବିଭାଗ ପତ୍ର ସଂଖ୍ୟା: ୮୫୦୪**

- ପଲ୍ଲୀସଭାକୁ ଗ୍ରାମସଭାର ମାନ୍ୟତା ପ୍ରଦାନ
- ୨୮ ଫେବୃୟାରୀରେ ସ୍ୱତନ୍ତ୍ର ପଲ୍ଲୀସଭା ମାଧ୍ୟମରେ ଲୋକମାନଙ୍କୁ ଆଇନ୍ ଓ ନିୟମ ସଂପର୍କରେ ସଚେତନ କରାଇବା ପାଇଁ ଗ୍ରାମପଞ୍ଚାୟତକୁ ଦାୟିତ୍ୱ ଅର୍ପଣ
- ଓ୍ୱାର୍ଡ଼ ମେମ୍ବରମାନଙ୍କୁ ନିଜ ନିଜ ଓ୍ୱାର୍ଡ଼ରେ ଜଙ୍ଗଲ ଅଧିକାର ଆଇନ୍ ଓ ନିୟମକୁ ବୁଝାଇବା ନିମନ୍ତେ ଦାୟିତ୍ୱ ପ୍ରଦାନ

**ତାରିଖ: ୨୬.୨.୨୦୦୮ ଜାରି କରିଥିବା ବିଭାଗ: ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ପତ୍ର ସଂଖ୍ୟା: ୯୭୭**

- ଜିଲ୍ଲା ମଧ୍ୟରେ କାର୍ଯ୍ୟକରୁଥିବା ପଞ୍ଚାୟତି ରାଜ, ରାଜସ୍ୱ, ହରିଜନ ଓ ଆଦିବାସୀ ଉନ୍ନୟନ ଓ ଜଙ୍ଗଲ ବିଭାଗର କର୍ମକର୍ତ୍ତାଙ୍କୁ ତାଲିମ୍ ପ୍ରଦାନ କରିବା ନିମନ୍ତେ ଜିଲ୍ଲାପାଳଙ୍କୁ ଦାୟିତ୍ୱ ଅର୍ପଣ
- ଜଙ୍ଗଲ ଅଧିକାର କମିଟିକୁ ଆବଶ୍ୟକୀୟ ମାନଚିତ୍ର ବିନା ମୂଲ୍ୟରେ ଯୋଗାଇବା
- ବିନା ସ୍କେଲ୍ ମ୍ୟାପକୁ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଓ ଉକ୍ତ ମ୍ୟାପକୁ ସ୍କେଲ ମ୍ୟାପରେ ପରିଣତ କରିବା ନିମନ୍ତେ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ଜିଲ୍ଲାପାଳଙ୍କୁ ପରାମର୍ଶ
- ବାଉଁଶ ଓ କେନ୍ଦୁପତ୍ରକୁ ଲଘୁ ବନଜାତ ଦ୍ରବ୍ୟ ରୁପେ ବିବେଚନା କରିବାକୁ ନିର୍ଦ୍ଦେଶ
- ସ୍ୱେଚ୍ଛାସେବୀ ସଂଗଠନ, ଗୋଷ୍ଠୀଭିତ୍ତିକ ସଂଗଠନ, ସହଯୋଗୀ ଅନୁଷ୍ଠାନମାନଙ୍କୁ ପ୍ରକ୍ରିୟାରେ ସାମିଲ କରାଇବା ପାଇଁ ନିର୍ଦ୍ଦେଶ

**ତାରିଖ: ୨୬.୨.୨୦୦୮ ଜାରି କରିଥିବା ବିଭାଗ: ପଞ୍ଚାୟତି ରାଜ ବିଭାଗ ପତ୍ର ସଂଖ୍ୟା: ୯୧୫୩**

- ୧୬ ଓ ୨୩ ମାର୍ଚ୍ଚରେ ସ୍ୱତନ୍ତ୍ର ପଲ୍ଲୀସଭା କରାଯାଇ ଜଙ୍ଗଲ ଅଧିକାର କମିଟି ଗଠନ ପାଇଁ ନିର୍ଦ୍ଦେଶ
- କେବେ କେଉଁଠାରେ ବୈଠକ ହେବ, ତାହାର ତାଲିକା ପ୍ରସ୍ତୁତ କରିବା ପାଇଁ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ଦାୟିତ୍ୱ ଅର୍ପଣ
- ବୈଠକ ତାରିଖର ୧୫ ଦିନ ପୂର୍ବରୁ ନୋଟିସ୍ ଜାରି କରିବା ନିମନ୍ତେ ମଣ୍ଡଳ ଉନ୍ନୟନ ଅଧିକାରୀଙ୍କୁ ନିର୍ଦ୍ଦେଶ
- ଦୁଇ-ତୃତୀୟାଂଶ ଅଧିକ ସଭ୍ୟ ଯେପରି ପଲ୍ଲୀସଭାରେ ଉପସ୍ଥିତ ରହିବେ, ତାହା ପାଇଁ ବ୍ୟାପକପ୍ରଚାର ପ୍ରସାର ଉପରେ ଗୁରୁତ୍ୱାରୋପ

**ତାରିଖ: ୫.୭.୨୦୦୮ ଜାରି କରିଥିବା ବିଭାଗ: ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା: ୨୩୯୨**

- ଜଙ୍ଗଲ ଅଧିକାରର ସତ୍ୱ ପ୍ରଦାନ କାର୍ଯ୍ୟକୁ ଜାନୁୟାରୀ ୨୦୦୯ ସୁଦ୍ଧା ଶେଷ କରିବାକୁ ନିର୍ଦ୍ଦେଶ

**ତାରିଖ: ୧୧.୧୧.୨୦୦୮ ଜାରି କରିଥିବା ବିଭାଗ: ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା: ୩୯୨୨୩**

- ଜଙ୍ଗଲ ଅଧିକାର ଆଇନ୍ ଓ ନିୟମକୁ କାର୍ଯ୍ୟକାରୀ କରିବା ନିମନ୍ତେ ଆବଶ୍ୟକୀୟ ଅର୍ଥ ବ୍ୟବସ୍ଥା

**ତାରିଖ: ୨୧.୧୧.୨୦୦୮ ଜାରି କରିଥିବା ବିଭାଗ: ହରିଜନ ଓ ଆଦିବାସୀ ଉନ୍ନୟନ ବିଭାଗ ପତ୍ର ସଂଖ୍ୟା: ୪୦୩୭୩**

ଜଙ୍ଗଲ ଅଧିକାର ଆଇନ୍ ଓ ନିୟମକୁ ସଠିକ୍ ଭାବେ କାର୍ଯ୍ୟକାରୀ କରିବା ପାଇଁ ୨୨ଟି ପ୍ରଶ୍ନର ଉତ୍ତର ସମ୍ବଳିତ ପତ୍ର ତନ୍‌ମଧ୍ୟରେ ପ୍ରମୁଖ ବିଷୟବସ୍ତୁ:

- ପଲ୍ଲୀସଭା ଜାତିଗତ ପ୍ରମାଣପତ୍ର ଦେଇପାରିବ
- ବିନାମୂଲ୍ୟ ଆବଶ୍ୟକୀୟ ସଂଖ୍ୟକ ଦାବୀପତ୍ର ଓ ଖାତାପତ୍ର ଯୋଗାଇଦେବା
- ଜଙ୍ଗଲ ଜମି ମଧ୍ୟରେ ଅବସ୍ଥିତ ବସତିଗୁଡ଼ିକୁ ଗ୍ରାମସଭାର ମାନ୍ୟତା ପ୍ରଦାନ
- ପଲ୍ଲୀସଭାର ବିନା ଅନୁମୋଦନରେ ଦାବୀପତ୍ର ଗ୍ରହଣ ନକରିବାକୁ ଉପଖଣ୍ଡସ୍ତରୀୟ କମିଟିକୁ ପରାମର୍ଶ
- ମୌଖିକ ବୟାନ୍ ମଧ୍ୟ ଏକ ପ୍ରମାଣ
- ଅନ୍ୟରାଜ୍ୟର ଅନୁସୂଚିତ ଜନଜାତି ଯଦି ରାଜ୍ୟରେ ତାଲିକାଭୁକ୍ତ ନୁହନ୍ତି, ସେମାନେଙ୍କୁ ମଧ୍ୟ ଅନୁସୂଚିତ ଜନଜାତି ରୁପେ ପରିଗଣନା କରାଯିବ
- କୌଣସି ସରକାରୀ କର୍ମଚାରୀ ଅବା କମିଟିର ସଦସ୍ୟ କାର୍ଯ୍ୟରେ ଅବହେଳା କଲେ ୧୦୦୦ ଟଙ୍କା ପର୍ଯ୍ୟନ୍ତ ଜୋରିମାନା

**ତାରିଖ: ୩୦.୧୨.୨୦୦୮ ଜାରି କରିଥିବା ବିଭାଗ: ପଞ୍ଚାୟତି ରାଜ ବିଭାଗ ପତ୍ର ସଂଖ୍ୟା: ୯୧୫୩**

- ଜାନୁୟାରୀ ୧୮ ତାରିଖରେ ସ୍ୱତନ୍ତ୍ର ପଲ୍ଲୀସଭା ଆୟୋଜନ କରିବ ପାଇଁ ସରପଞ୍ଚମାନଙ୍କୁ ପତ୍ର